ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/Cooperation (OD))/1342/24-02-2021**

# ଧାନସଂଗ୍ରହରେ ଅନିୟମିତତା ଅଭିଯୋଗରେ
# ବରଗଡ଼ ଜିଲ୍ଲାର ଲଖମରା ପ୍ୟାକ୍ସର ସଂପାଦକ ଓ କିରାଣି ନିଲମ୍ବିତ
# ଡାଟାଏଣ୍ଟ୍ରି ଅପରେଟର କାର୍ଯ୍ୟରୁ ବହିଷ୍କୃତ

ଭୁବନେଶ୍ୱର, ତା.୨୪/୦୨/୨୦୨୧

ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଅନ୍ତର୍ଗତ ଲଖମରା ପ୍ରାଥମିକ କୃଷି ସମବାୟ ସମିତିରେ ଧାନକିଣାରେ ଅନିୟମିତତା, କାର୍ଯ୍ୟରେ ଗୁରୁତର ଅବହେଳା ଓ ବିଭାଗ ଦ୍ୱାରା ଜାରି କରାଯାଇଥିବା ମାର୍ଗଦର୍ଶିକାର ଉଲ୍ଲଂଘନ ଅଭିଯୋଗରେ ପ୍ୟାକ୍ସ ସଂପାଦକ ଓ କିରାଣିଙ୍କୁ ନିଲମ୍ବନ କରାଯାଇଥିବାବେଳେ ଡାଟାଏଣ୍ଟ୍ରି ଅପରେଟରଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି । ଲଖମରା ପ୍ୟାକ୍ସର ସଂପାଦକ ଅମୂଲ୍ୟ ବେହେରା ଏବଂ କିରାଣି ଦିଲ୍ଲୀପ କୁମାର ସୁନାନୀଙ୍କୁ ତୁରନ୍ତ କାର୍ଯ୍ୟରୁ ନିଲମ୍ବନ କରାଯାଇଥିବାବେଳେ ଡାଟାଏଣ୍ଟ୍ରି ଅପରେଟର ବୁଲୁ ଅନନ୍ତଙ୍କୁ କାର୍ଯ୍ୟରୁ ବହିଷ୍କୃତ କରାଯାଇଛି ବୋଲି ନିବନ୍ଧକ, ସମବାୟ ସମିତି ସମୂହ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ ।

ତାପସ ସାହା
ସୂଚନା ଅଧିକାରୀ